# India-Bangladesh Foreign Office Consultations

January 29, 2021

## ଭାରତ-ବାଙ୍ଗଲାଦେଶ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଜାନୁଆରୀ 29, 2021**

ଭାରତ ଓ ବାଙ୍ଗଲାଦେଶ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 29 ଜାନୁଆରୀ 2021 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଭାରତ ପକ୍ଷରୁ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ବାଙ୍ଗଲାଦେଶ ପକ୍ଷରୁ ବାଙ୍ଗଲାଦେଶର ବୈଦେଶିକ ସଚିବ ତଥା ରାଷ୍ଟ୍ରଦୂତ ମସୁଦ ବିନ୍ ମୋମେନ ଏହି ବୈଠକରେ ସହଅଧ୍ୟକ୍ଷତା କରିଥିଲେ।

2. ବାଙ୍ଗଲାଦେଶ ବୈଦେଶିକ ସଚିବଙ୍କ ସହ ବାଙ୍ଗଲାଦେଶ ଉଚ୍ଚାୟୁକ୍ତ ମାନ୍ୟବର ଶ୍ରୀ ମହମ୍ମଦ ଇମ୍ରାନ, ସଚିବ (ପୂର୍ବ) ତଥା ରାଷ୍ଟ୍ରଦୂତ ମାଶଫି ବିଣ୍ଟେ ଶାମସ୍ ଏବଂ ବାଙ୍ଗଲାଦେଶର ବୈଦେଶିକ ବ୍ୟାପାର, ବାଣିଜ୍ୟ ଏବଂ ଜଳ ସମ୍ପଦ ମନ୍ତ୍ରଣାଳୟର ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ଭାରତୀୟ ପ୍ରତିନିଧି ଦଳରେ ବୈଦେଶିକ ବ୍ୟାପାର, ଗୃହ, ବାଣିଜ୍ୟ ଓ ଉଦ୍ୟୋଗ, ଜଳଶକ୍ତି ଏବଂ ଅର୍ଥ ମନ୍ତ୍ରଣାଳୟର ପ୍ରତିନିଧୀମାନେ ଉପସ୍ଥିତ ଥିଲେ।

3. କୋଭିଡ-19 ମହାମାରୀର ମୁକାବିଲା ପାଇଁ ସହଯୋଗ, ବାଣିଜ୍ୟ, ସଂଯୋଗୀକରଣ, ବିକାଶ ସହଭାଗୀତା, ଶକ୍ତି, ଉର୍ଜା ଏବଂ ଜଳ ସମ୍ପଦ, ଆଞ୍ଚଳିକ ଏବଂ ବହୁପକ୍ଷୀୟ ସହଯୋଗ ତଥା ସୀମା ପରିଚାଳନା ଏବଂ ସୁରକ୍ଷା ଏବଂ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତିର ଉଭୟ ପକ୍ଷ ବିସ୍ତୃତ ସମୀକ୍ଷା କରିଥିଲେ। ମାର୍ଚ୍ଚ 2021 ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଢାକା ଗସ୍ତ ପାଇଁ ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର 50 ତମ ବାର୍ଷିକୀ ପାଳନ ଉତ୍ସବ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

4. ଭାରତର ପଡୋଶୀ ପ୍ରଥମ ନୀତି ଅନୁଯାୟୀ ବାଙ୍ଗଲାଦେଶକୁ 2 ମିଲିୟନ ଡୋଜ କୋଭିସିଲଡ ଟୀକା ପ୍ରଦାନ କରିବା ସହିତ କୋଭିଡ-19 ସମ୍ବନ୍ଧୀୟ ପ୍ରସଙ୍ଗରେ ଘନିଷ୍ଠ ସହଯୋଗକୁ ଉଭୟ ପକ୍ଷ ପ୍ରଶଂସା କରିଛନ୍ତି।

5. ବାଙ୍ଗଲାଦେଶ ମୁକ୍ତିର 50 ତମ ବାର୍ଷିକୀ, ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର 50 ବର୍ଷ ପୂର୍ତ୍ତି ତଥା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ପରିପ୍ରେକ୍ଷୀରେ 2021 ବର୍ଷର ଗୁରୁତ୍ୱକୁ ଦର୍ଶାଇ ଉଭୟ ପକ୍ଷ ଏହି ବାର୍ଷିକ ଉତ୍ସବଗୁଡ଼ିକୁ ପାଳନ କରିବା ପାଇଁ ମିଳିତଭାବେ ସମନ୍ୱୟ ରକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ 2021 ଗଣତନ୍ତ୍ର ଦିବସ ପରେଡରେ ବାଙ୍ଗଲାଦେଶ ତ୍ରି-ସେବା ମାର୍ଚିଂ କଣ୍ଟିଜେଣ୍ଟର ଅଂଶଗ୍ରହଣକୁ ଉଭୟ ପକ୍ଷ ପ୍ରଶଂସା କରିଛନ୍ତି। 1971 ବାଙ୍ଗଲାଦେଶ ମୁକ୍ତି ସଂଗ୍ରାମରେ ଭାରତୀୟ ଏବଂ ବାଙ୍ଗଲାଦେଶ ସେନାବାହିନୀ ଏବଂ ଲୋକଙ୍କ ସଂଗ୍ରାମ ତଥା ବଳିଦାନ ବିଷୟରେ ଉଭୟ ଦେଶର ବର୍ତ୍ତମାନର ପିଢିକୁ ସ୍ମରଣ କରାଇବା ପାଇଁ ଉଭୟ ପକ୍ଷ ଏହି ଘଟଣାର ମହତ୍ତ୍ୱ ବିଷୟରେ ଉଲ୍ଲେଖ କରିଥିଲେ।

6. କୋଭିଡ-19 ସତ୍ତ୍ୱେ ସ୍ଥିର ଭାବରେ ଜାରି ରହିଥିବା ଦ୍ୱିପାକ୍ଷିକ ଆଦାନପ୍ରଦାନର ତୀବ୍ରତାରେ ଏଫଓସି ସନ୍ତୋଷ ବ୍ୟକ୍ତ କରିଛି। 17 ଡିସେମ୍ବର 2020 ରେ ଅନୁଷ୍ଠିତ ହୋଇଥିବା ଭର୍ଚୁଆଲ୍ ଶିଖର ସମ୍ମିଳନୀ ପରେ ଉଭୟ ପକ୍ଷ ସାମ୍ପ୍ରତିକ ବୈଠକଗୁଡିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ ଯଥା 22-26 ଡିସେମ୍ବର 2020 ରେ ଗୁଆହାଟୀରେ 51ତମ ବିଏସ୍ଏଫ୍-ବିଜିବି ମହାନିର୍ଦ୍ଦେଶକ ସ୍ତରୀୟ ବାର୍ତ୍ତାଳାପ, 06 ଜାନୁଆରୀ 2021 ରେ ମିଳିତ ନଦୀ ଆୟୋଗର ବୈଷୟିକ ସ୍ତରୀୟ ବୈଠକ, 12 ଜାନୁଆରୀ 2021 ରେ ପୋଲିସ ମୁଖ୍ୟମାନଙ୍କ ପ୍ରଥମ ଆଲୋଚନା ଏବଂ 23 ଜାନୁଆରୀ 2021 ରେ ଶକ୍ତି କ୍ଷେତ୍ରରେ ସହଯୋଗ ଉପରେ 19ତମ ସଚିବ ସ୍ତରୀୟ ମିଳିତ ପରିଚାଳନା କମିଟି ବୈଠକ। ଦ୍ୱିତୀୟ ଭାରତ-ବାଙ୍ଗଲାଦେଶ ଦୂତାବାସସ୍ତରୀୟ ଆଲୋଚନା 28 ଜାନୁଆରୀ 2021 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ 2021 ସମ୍ମିଳନୀ ପୂର୍ବରୁ ଗୃହ ସଚିବ ସ୍ତରୀୟ ଆଲୋଚନା, ବାଣିଜ୍ୟ ସଚିବ ସ୍ତରୀୟ ଆଲୋଚନା ଏବଂ ମିଳିତ ନଦୀ ଆୟୋଗର ସଚିବ ସ୍ତରୀୟ ବୈଠକ କରିବାକୁ ମଧ୍ୟ ଉଭୟ ପକ୍ଷ ସହମତ ହୋଇଥିଲେ।

7. ଦ୍ୱିପାକ୍ଷିକ ସହଯୋଗର ସ୍ଥିର ଗତି ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ବଜାୟ ରଖିବାକୁ ମଧ୍ୟ ଉଭୟ ପକ୍ଷ ସହମତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷ ଅସ୍ଥାୟୀ ବିମାନ ଚଳାଚଳ ବ୍ୟବସ୍ଥାର ନବୀକରଣକୁ ସନ୍ତୁଷ୍ଟିର ସହ ଉଲ୍ଲେଖ କରିଥିଲେ ଯାହା ଉଭୟ ପକ୍ଷ ମଧ୍ୟରେ ଅତ୍ୟାବଶ୍ୟକ ଯାତ୍ରାକୁ ସହଜ କରିବ।

8. ଦ୍ୱିପାକ୍ଷିକ ବିକାଶ ଭାଗିଦାରୀରେ ଋଣ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରିତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି। 03 ଜାନୁଆରୀ 2021 ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ବୈଠକ ସହିତ ଉଚ୍ଚ ସ୍ତରୀୟ ବିକାଶ ସହଭାଗୀତା ମନିଟରିଂ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଥିବାରୁ ଉଭୟ ପକ୍ଷ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ପାଣ୍ଠିର ଉପଯୋଗକୁ ବୃଦ୍ଧି କରିବା ଏବଂ ଅନୁମୋଦନ ପ୍ରକ୍ରିୟାଗୁଡ଼ିକୁ ସରଳ ଏବଂ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

9. ରାଷ୍ଟ୍ରଦୂତ ମସୁଦ ବିନ୍ ମୋମେନ ନୂଆଦିଲ୍ଲୀରେ ରହଣି ସମୟରେ ବଙ୍ଗବନ୍ଧୁ - ବାପୁ ଡିଜିଟାଲ ପ୍ରଦର୍ଶନୀ ପରିଦର୍ଶନ କରିବେ ଯାହା ବର୍ତ୍ତମାନ ବିଜ୍ଞାନ ଭବନରେ ଆୟୋଜିତ ହେଉଛି ଏବଂ ସୁଷମା ସ୍ୱରାଜ ବୈଦେଶିକ ସେବା ପ୍ରତିଷ୍ଠାନରେ ପ୍ରଶିକ୍ଷାର୍ଥୀ ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ସହ ବାର୍ତ୍ତାଳାପ କରିବେ।

**ନୂଆଦିଲ୍ଲୀ**

**ଜାନୁଆରୀ 29, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.